# PM to deliver keynote address at India Ideas Summit on 22 July

July 21, 2020

# ପ୍ରଧାନମନ୍ତ୍ରୀ 22 ଜୁଲାଇକୁ 'ଇଣ୍ଡିଆ ଆଇଡିଆ ସମ୍ମିଳନୀ' ରେ ମୁଖ୍ୟ ଭାଷଣ ଦେବେ

ଜୁଲାଇ 21, 2020

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 22 ଜୁଲାଇକୁ 'ଇଣ୍ଡିଆ ଆଇଡିଆ ସମ୍ମିଳନୀ' ରେ ମୁଖ୍ୟ ଭାଷଣ ଦେବେ।

ଏହି ସମ୍ମିଳନୀ ଆମେରିକା-ଭାରତ ବ୍ୟବସାୟ ପରିଷଦ ଦ୍ୱାରା ଆୟୋଜନ କରାଯାଉଛି। ଏହି ବର୍ଷ ପରିଷଦ ଗଠନର 45 ତମ ବାର୍ଷିକୀ ପାଳନ କରାଯାଉଛି। ଏହି ବର୍ଷର 'ଭାରତ ଆଇଡିଆ ସମ୍ମିଳନୀ' ର ଥିମ୍ 'ଏକ ଭଲ ଭବିଷ୍ୟତ ଗଠନ' କରିବା ଅଟେ।

ଏହି ଆଭାସୀ (ଭର୍ଚୁ୍ୟଆଲ) ସମ୍ମିଳନୀରେ ଭାରତୀୟ ଏବଂ ଆମେରିକୀୟ ସରକାରଙ୍କର ନୀତି ନିର୍ମାତା, ରାଜ୍ୟ ସ୍ତରୀୟ ଅଧିକାରୀ ଏବଂ ବ୍ୟବସାୟ ତଥା ସମାଜର ମୁଖ୍ୟ ବିଚାରକମାନଙ୍କର ଉଚ୍ଚ ସ୍ତରୀୟ ଉପସ୍ଥିତି ରହିବ। ଏହି ସମ୍ମିଳନୀରେ ଅନ୍ୟାନ୍ୟ ମୁଖ୍ୟ ବକ୍ତାମାନେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ଼ା. ଏସ୍ ଜୟଶଙ୍କର, ଆମେରିକାର ବୈଦେଶିକ ମନ୍ତ୍ରୀ ଶ୍ରୀ ମାଇକ ପୋମ୍ପିଓ, ଭର୍ଜିନିଆର ସିନେଟର ତଥା ସିନେଟ ଇଣ୍ଡିଆ କାଉକସର ସହ-ଅଧ୍ୟକ୍ଷ ମାର୍କ ୱାର୍ଣ୍ଣର, ସଂଯୁକ୍ତ ରାଷ୍ଟ୍ରରେ ଆମେରିକାର ପୂର୍ବତନ ରାଷ୍ଟ୍ରଦୂତ ସୁଶ୍ରୀ ନିକ୍କି ହେଲି, ଇତ୍ୟାଦି ସାମିଲ ଅଟନ୍ତି। ଏହି ସମ୍ମିଳନୀରେ ଭାରତ-ଆମେରିକା ସହଯୋଗ ଏବଂ ମହାମାରୀ ସମୟର ପର ଦୁନିଆରେ ଉଭୟ ଦେଶ ମଧ୍ୟରେ ପାରସ୍ପରିକ ସମ୍ପର୍କର ଭବିଷ୍ୟତ ବିଷୟରେ ଆଲୋଚନା ହେବ।

**ନୂଆ ଦିଲ୍ଲୀ**

**ଜୁଲାଇ 21, 2020**

DISCLAIMER : This is an approximate translation. The original is available in English on MEA's website and may be referred to as the official press release.